ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/WCD(Od)/254/26-02-2024**

# କିଶୋରୀଙ୍କ ପୁଷ୍ଟିକର ଖାଦ୍ୟ ଯୋଜନା, ଦୈନିକ ପାଣ୍ଠିକୁ ବୃଦ୍ଧି କଲେ ରାଜ୍ୟ ସରକାର

ଭୁବନେଶ୍ୱର,୨୬/୦୨/୨୦୨୪:

ରାଜ୍ୟ ସରକାର କିଶୋରୀମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଯୋଜନାକୁ ଗୁରୁତ୍ୱ ଦେଇ ଏହାର ବଜେଟ୍‌କୁ ବୃଦ୍ଧି କରିଛନ୍ତି । ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ମାଧ୍ୟମରେ ୧୫ ରୁ ୧୯ ବର୍ଷର କିଶୋରୀଙ୍କୁ ସ୍ୱତନ୍ତ୍ର ପୁଷ୍ଟି ପ୍ୟାକେଜ ପ୍ରଦାନ କରାଯାଉଛି । ପୂର୍ବରୁ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ପ୍ରତି କିଶୋରୀ ପିଛା ଦୈନିକ ୯ ଟଙ୍କା ୫୦ ପଇସା ଖର୍ଚ୍ଚ କରାଯାଉଥିବାବେଳେ ବର୍ତ୍ତମାନ ଏହାକୁ ବୃଦ୍ଧି କରି ୧୧ ଟଙ୍କା ୫୦ ପଇସା କରାଯାଇଛି । କଞ୍ଚାମାଲ୍, ସ୍ୱୟଂ ସହାୟକ ଗୋଷ୍ଠୀରୁ ଅଙ୍ଗନବାଡିରେ ଖାଦ୍ୟ ସାମଗ୍ରୀ ପହଞ୍ଚିବା ପାଇଁ ପରିବହନ ଖର୍ଚ୍ଚ ଆଦିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଏନେଇ ରାଜ୍ୟ ସରକାର ବାର୍ଷିକ ୪୨ କୋଟି ଟଙ୍କା ଖର୍ଚ୍ଚ କରିବେ ।

ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ କିଶୋରୀମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ ଏକ ମୁଖ୍ୟ ଉପାଦାନ । ଏଥିରେ ବର୍ଷକୁ ୩୦୦ ଦିନ କିଶୋରୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦିଆଯାଉଛି । ଏଥିପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଖାଦ୍ୟ ସାମଗ୍ରୀ ଯୋଗାଉଥିବାବେଳେ ଅଙ୍ଗନବାଡି ମାଧ୍ୟମରେ ଏହାର ବିତରଣ ହୋଇଥାଏ । ଏହି ଯୋଜନାରେ ରାଜ୍ୟର ସମସ୍ତ ୩୩୮ ସମନ୍ୱିତ ଶିଶୁ ବିକାଶ ସେବା ସାମିଲ ଅଛନ୍ତି । ରାଜ୍ୟ ସରକାରଙ୍କର ୫-ଟି ଉପକ୍ରମର ରୂପାନ୍ତରଣକୁ ଦୃଷ୍ଟିରେ ରଖି ରାଜ୍ୟର ଦୁର୍ବଳ ତଥା ପଛୁଆ ବର୍ଗଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

ରାଜ୍ୟର କିଶୋରୀ(୧୫-୧୯ ବର୍ଷ), ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମା ଏବଂ ପୁଷ୍ଟିହୀନତାର ଶିକାର ହୋଇଥିବା ଶିଶୁଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ଆଗାମୀ ୫ ବର୍ଷ ପାଇଁ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯିବ । ୨୦୨୭-୨୮ ଯାଏଁ ପ୍ରାୟ ୩୩୫୪.୪୦ କୋଟି ଟଙ୍କା ବ୍ୟୟବରାଦରେ ମହିଳା ଏବଂ ଶିଶୁ ବିକାଶ ବିଭାଗ ଏହି ଯୋଜନାକୁ ସଫଳ ରୂପାୟନ ପ୍ରଦାନ କରିବ ।

ସଚ୍ଚିଦାନନ୍ଦ ବେହେରା
ସୂଚନା ଅଧିକାରୀ